# Akashvani, Sambalpur

## SAMBALPURI NEWS EVENING BULLETIN

**12 December 2025- 7.02 pm- 7.12 pm.**

*******************************************

୧- ୨୦୨୭ ଜନଗଣନା ଲାଗି ୧୧ ହଜାର୍ ୭ ଶହ ୧୮ କୋଟିନୁ ଅଏତ୍‌କା ଟଙ୍କାର୍ ବଜେଟ୍‌କେ କେନ୍ଦ୍ର କେବିନେଟ୍‌ର ମଞ୍ଜୁରୀ ।

୨- ଓଡ଼ିଶା ନ ୨ ଟା ସେମି କଣ୍ଡକ୍ଟର୍ ତିଆରି ୟୁନିଟ୍ ଥାପ୍‌ନା ଲାଗି ୪ ହଜାର୍ ୯ ଶହ କୋଟିନୁ ଅଏତ୍‌କା ଟଙ୍କା କେନ୍ଦ୍ର ସର୍‌କାର୍ ମଞ୍ଜୁର୍ କରିଛନ୍- କହେଲେ କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ।

୩- କୋଣାର୍କ ନ ମୁଲ୍ ହେଲା ଇକୋ ରିଟ୍ରିଟ୍ ।

- ପୁରୀ -କୋଣାର୍କ ବେଳାଭୂମି ମାର୍ଗ ରାମଚଣ୍ଡି ପାଖେ ରାଜ୍ୟ ଜଳ ଦକ୍ଷତା ଆଉ ଜୀବନ୍‌ରକ୍ଷୀ ପ୍ରତିଷ୍ଠାନ୍‌କେ ଉଦ୍‌ଘାଟନ୍ କଲେ୍ ମୁଖ୍ୟମନ୍ତ୍ରୀ ।

ଆଉର୍

୪- ପୁରୀ ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ନ ଚାଲିଛେ ଛତିଶା ନିଯୋଗ୍‌ର ବୈଠକ୍ ।

ସୂଚନା ଆଉ ପ୍ରସାରଣ ମନ୍ତ୍ରୀ        ଏନ୍‌ଏସ୍‌ଡି

୨୦୨୭ ଜନଗଣନା ଲାଗି ୧୧ ହଜାର୍ ୭ ଶହ ୧୮ କୋଟିନୁ ଅଏତ୍‌କା ଟଙ୍କା ବଜେଟ୍‌କେ ଆଏଜ୍ କେନ୍ଦ୍ର କେବିନେଟ୍‌ର ମଞ୍ଜୁରୀ ମିଲିଛେ । ଇ ବାବ୍‌ଦେ ସୂଚ୍‌ନା ଦେଇକରି କେନ୍ଦ୍ର ସୂଚନା ଆଉ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍, ୨୦୨୭ ମସିହାଥି ୨ ଟା ଖେପେ ଜନଗଣନା କରାଯିବା । ୨୦୨୬ ଏପ୍ରିଲ୍‌ନୁ ସେପ୍ଟେମ୍ବର୍ ମାସ୍ ଭିତ୍‌ରେ ଘର୍ ତାଲିକା ତିଆର୍ କରାଯିବା । ୨୦୨୭ ଫେବୃଆରୀ ମାସେ ଗନ୍‌ତି ମୁଲ୍ କରାଯିବା । ଇତାର ଜନଗଣନା ଡିଜିଟାଲ୍ ମାଧ୍ୟମ୍‌ଥି କରାଯିବା । ଇଟା ଦେଶର୍ ୧୬ ନମ୍ବର୍ ଆଉ ସ୍ୱାଧୀନତା ଉତ୍‌ରୁ ୮ ନମ୍ବର୍ ଜନଗଣନା ହେବା ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ ।
(ଭଏସ୍ ଓଭର୍- ସୂଚନା ଆଉ ପ୍ରସାରଣ ମନ୍ତ୍ରୀ)

କେନ୍ଦ୍ର କେବିନେଟ୍        ପି.ଆଇ.ବି.

ଓଡ଼ିଶା ନ ୨ ଟା ସେମି କଣ୍ଡକ୍ଟର୍ ତିଆରି ୟୁନିଟ୍ ଥାପ୍‌ନା ଲାଗି ୪ ହଜାର୍ ୯ ଶହ କୋଟିନୁ ଅଏତ୍‌କା ଟଙ୍କା କେନ୍ଦ୍ର କେବିନେଟ୍ ମଞ୍ଜୁର୍ କରିଛେ ବଲି କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ । ରାଜ୍ୟସଭା ନ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ମନ୍ତ୍ରୀ କହିଛନ୍, ଇ କାର୍‌ଖାନାନୁ

ଉତ୍ପାଦିତ ଚିପ୍ ଅଟୋମୋବାଇଲ୍, ଏରୋସ୍ପେସ୍, ପ୍ରତିରକ୍ଷା, ୱେ୍ୟାର୍‌ଲେସ୍ ଉପକରଣ୍, ବୈଦ୍ୟୁତିକ୍ ଗାଡ଼ି, ଡାଟା ସେଂଟର୍, ଇଲେକ୍ଟ୍ରୋନିକ୍ ଉପକରଣ୍‌ଥି ବେଭାର୍ କରାଯିବା । ଇତାର୍‌ଛଡ଼ା 'ଚିପ୍ ଟୁ ଷ୍ଟାର୍ଟଅପ୍' କାର୍ଯ୍ୟକ୍ରମ୍ ଜରିଏ ଓଡ଼ିଶାର୍ ୧୧ ଟା ବିଶ୍ୱବିଦ୍ୟାଲୟକେ ମାହାଲିଆ ଡିଜାଇନ୍ ଟୁଲ୍ ଯୁଗେଇ ଦେଇଛନ୍ । ସେନ୍ତା ଭୁବ୍‌ନେଶ୍ୱର୍ ନ ୨ ଶହ କୋଟି ଟଙ୍କା ଖର୍ଚ୍ଚାଥି ଗୁଟେ ନୂଆଁ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ୍ କ୍ଲଷ୍ଟର୍ ଥାପ୍‌ନାକେ ଭିଲ୍ କେନ୍ଦ୍ର କେବିନେଟ୍‌ର ମଞ୍ଜୁରୀ ମିଲିଛେ ବଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ । ସେ ଆହୁରି କହିଛନ୍, ଡିଜିଟାଲ୍ ଦକ୍ଷତା ବିକାଶ୍ ଲାଗି ଏନ୍‌ଆଇଇ ଏଲ୍‌ଆଇଟି ତର୍‌ଫୁ ରାଏଜେ ୨ ଟା କେନ୍ଦ୍ର ଥାପ୍‌ନା କରାଯିବାର୍ ସହେତେ ୩୫ ଟା କେନ୍ଦ୍ରକେ ମାଏନ୍‌ତା ଦିଆଯାଇଛେ । ଇସବୁ କେନ୍ଦ୍ର କଟକ୍, ଭୁବ୍‌ନେଶ୍ୱର୍, ସମ୍ବଲ୍‌ପୁର୍, ବାଲେଶ୍ୱର୍ ସହେତେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ରହିଛେ ।

ଇକୋ ରିଟ୍ରିଟ୍ I&PR

ପୁରୀ-କୋଣାର୍କ ରାସ୍ତା ରାମଚଣ୍ଡି ପାଖ ବେଲାଭୂମି ନ ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ଆଏଜ୍‌ଠାନୁ କୋଣାର୍କ ଇକୋ ରିଟ୍ରିଟ୍ ମୁଲ୍ ହେଇଛେ । ଆଉ କିଛି ସମିଆ ଉତ୍‌ରୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇତାକେ ଆନୁଷ୍ଠାନିକ୍ ଭାବେ ଉଦ୍‌ଘାଟନ୍

କର୍‌ବେ । ଇକୋ ରିଟ୍ରିଟ୍‌ଥି ଇଥର ୭୦ ଟା ତମ୍ବୁଘର୍ ବନାଯାଇଛେ । ଆଏବା କାଏଲ୍‌ଠାନୁ ପର୍ଯ୍ୟଟକ୍‌ମାନେ ବୁକ୍ କରିଥିବା ଘର୍‌ମାନ୍‌କେ ରହିପାର୍‌ବେ ।

ସେନ୍ତା ରାମଚଣ୍ଡି କୁଶଭଦ୍ରା ନଦୀ ମୁହାଣ ପାଖେ ଥିବା ଓଡ଼ିଶା ରାଜ୍ୟ ଜଳ ଦକ୍ଷତା ଆଉ ଜୀବନରକ୍ଷୀ ପ୍ରତିଷ୍ଠାନ୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍‌ଘାଟନ୍ କରିଛନ୍ । ସାମୁଦ୍ରିକ ଝଡ଼ ହେଉ କି ପାଏନ୍ ଦୁର୍ଘଟଣା ନୁ ରକ୍ଷା ପାଏବାର୍ ଲାଗି ଅଗ୍ନିଶମବାହିନୀ ଆଉ ଲାଇଫ୍‌ଗାର୍ଡ଼ ମାନ୍‌କୁ ଇଥି ତାଲିମ୍ ଦିଆଯିବା । ଇ ତାଲିମ୍ କେନ୍ଦ୍ର ୧୨ କୋଟି ଟଙ୍କାଥି ତିଆରି ହେଇଥିବାର୍ ବେଲେ ଆଏବା ଦିନେ ଆଉ ୧୦ କୋଟି ଟଙ୍କା ଖର୍ଚ୍ଚା କରାଯିବା ବଲି ମୁଖ୍ୟମନ୍ତ୍ରୀ ଘୋଷ୍‌ନା କରିଛନ୍ ।

ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସମୀକ୍ଷା I&PR

ଭୁବ୍‌ନେଶ୍ୱର୍ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଆଉ ପଂଚାୟତିରାଜ୍ ପ୍ରତିଷ୍ଠାନ୍‌ର ବୃହତ୍ ଗ୍ରାମୀଣ ପାଇପ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପର୍ ରାଜ୍ୟସ୍ତରୀୟ ସମୀକ୍ଷା ହେଇଯାଇଛେ । ୩ ଦିନିଆ ସମୀକ୍ଷାଥି ୩ ଟା ରାଜସ୍ୱ ଡିଭିଜନ୍‌ର ୩୫ ଟା ପାନୀୟ ଜଳ ଡିଭିଜନ୍‌ର ବୃହତ ଗ୍ରାମୀଣ ପାଇପ୍ ପାନୀୟ ଜଳର ପିଇବାର୍ ପାନି ଯୋଗାଣ ପ୍ରକଳ୍ପର୍ ସମୀକ୍ଷା କରାଯାଇଛେ । ବୈଠକ୍‌ଥି ଅଧକ୍ଷତା କରିକରି ପାନୀୟ ଜଳ

ଆଉ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଧାରିଜ୍ ସମିଆ ଭିତ୍‌ରେ ସବୁ ପ୍ରକଳ୍ପ କାମ୍ ସାର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଠିକ୍ ସମିଆଥି କାମ୍ ନାଇଁ ସର୍‌ଲେ କାମ୍ କରୁଥିବା ସଂସ୍ଥାମାନ୍‌କୁ କଳାତାଲିକା ଭୁକ୍ତ କର୍‌ବାର୍ ସହେତେ ତାଙ୍କର୍ ବିରୋଧିଥି ମାମ୍‌ଲା ଦାୟର୍ କର୍‌ବାର୍‌କେ ମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ I&PR

ଭୁବ୍‌ନେଶ୍ୱର୍ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆ ନ ଗଲା ୬ ତାରିଖ୍‌ନୁ ମୁଲ୍ ହେଇଥିବା ୭ ନମ୍ବର୍ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବଥି ଫି' ଦିନ୍ ପାଠକମାନ୍‌କର୍ ଗହଲି ଜମିଛେ । ମହୋତ୍ସବ୍‌ଥି ଆଏଜ୍ ଓଡ଼ିଆ ଭାଷା ସାହିତ୍ୟ ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଯୋଗ୍ ଦେଇକରି ବହି ଷ୍ଟଲ୍‌ମାନେ ବୁଲ୍‌ବାର୍ ସହେତେ ବହୁତ୍‌ଟେ ବହି ଘିନିଛନ୍ । ଇ ଅବ୍‌ସରେ ପାଠକ୍‌ମାନ୍‌କର୍ ସଙ୍ଗେ ଭିଲ୍ ସେ ଆଲୋଚନା କରିଛନ୍ । ଆଏବା ୧୭ ତାରିଖ୍‌ତକ୍ ହେବାର୍‌କେ ଥିବା ଇ ମହୋତ୍ସବ୍‌ଥି ୫ ଶହ ୫୦ ଟା ଷ୍ଟଲ୍ କରାଯାଇଛେ । ଇଥି ୨ ଶହ ୫୦ ପ୍ରକାଶକ ଆଉ ବହି ବିକେତ୍ରା ଯୋଗ୍ ଦେଇଛନ୍ ।

ଏଗ୍ରିଷ୍ଟାର୍ଟ I&PR

ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ଏଗ୍ରିଷ୍ଟାର୍ଟ ବାବଦ୍ ରାଜ୍ୟସ୍ତରୀୟ ପରିଚାଲନା କମିଟି ବୈଠକ୍ ଆଏଜ୍ ହେଇଯାଇଛେ । ଏଗ୍ରିଷ୍ଟାର୍ଟ ହେଉଛେ ଭାରତ୍ ସର୍କାର୍ଙ୍କର୍ ଗୁଟେ ଏକିକୃତ କୃଷି ତଥ୍ୟ ପ୍ଲାଟ୍ଫର୍ମ । ଇଥି ଚାଷୀମାନ୍କର୍ ଜମି ଫସଲ୍ ଆଉ ଭିନ୍ ଭିନ୍ ତଥ୍ୟ ଡିଜିଟାଲ୍ ଜରିଏ ମହଜୁଦ୍ ରଖାଯାଏସି । ଏଗ୍ରିଷ୍ଟାର୍ଟ ପୋର୍ଟାଲ୍ଥି ହେଇଥିବା ଜାତୀୟ ସର୍ବେକ୍ଷଣ୍ ଠିକ୍ ଭାବେ ପ୍ରଦର୍ଶନ୍ କର୍ବାର୍ ଦିଗେ ଓଡ଼ିଶା ଦେଶର୍ ଶ୍ରେଷ୍ଠ ରାଜ୍ୟ ମାଏନ୍ତା ପାଇଛେ । ଇଥିର୍ଲାଗି କେନ୍ଦ୍ର ସର୍କାର୍ଙ୍କର୍ ତର୍ଫୁ ଓଡ଼ିଶାକେ ପ୍ରଶଂସା କରାଯାଇଛେ ।

ଛତିଶା ନିଯୋଗ୍ ବୈଠକ      ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ଛତିଶା ନିଯୋଗ୍ର ଗୁରୁତ୍ୱପୂର୍ଣ୍ଣ ବୈଠକ୍ ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ନ ଚାଲିଛେ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଚାଲିଥିବା ବୈଠକ୍ଥି ଆଏବା ୧୬ ତାରିଖ୍ନୁ ଜାନୁଆରୀ ୧୩ ତାରିଖ୍ତକ୍ ଶ୍ରୀମନ୍ଦିର୍ ନ ହେବାର୍କେ ଥିବା ପହିଲି ଭୋଗ, ୩ ତାରିଖ୍ ହେବାର୍କେ ଥିବା ଦେବାଭିଷେକ୍ ପୂର୍ଣ୍ଣିମା,

ମକର୍ ସଂକ୍ରାନ୍ତି ନୀତି ନିର୍ଘଂଟ ବାବ୍ଦେ ଆଲୋଚନା କରାଯାଉଥିବାର୍ ଆମର୍ ସମ୍ବାଦଦାତା ସୂଚ୍ନା ଦେଇଛନ୍ ।

ବାଣିଜ୍ୟ ଆଉ ପରିବହନ୍ ବିଭାଗ୍ ବୁଝାମଣା I&PR

ରାଜ୍ୟସର୍କାର୍ଙ୍କର୍ ବାଣିଜ୍ୟ ଆଉ ପରିବହନ୍ ବିଭାଗ୍ ଆଉ ଭାସ୍କରାଚାର୍ଯ୍ୟ ଜାତୀୟ ମହାକାଶ୍ ପ୍ରୟୋଗ ଆଉ ଭୂ-ସୂଚନା ବିଜ୍ଞାନ୍ ସଂସ୍ଥାନ୍ ସହେତେ ଭୁବ୍ନେଶ୍ୱର୍ ନ ଆଏଜ୍ ଗୁଟେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ପ୍ରଧାନ୍ମନ୍ତ୍ରୀ ଗତିଶକ୍ତି ଜାତୀୟ ମାଷ୍ଟର୍ପ୍ଲାନ୍ଥି ଗୁଟେ ବିସ୍ତୃତ୍ ଓଡ଼ିଶା ଷ୍ଟେଟ୍ ମାଷ୍ଟର୍ ପ୍ଲାନ୍ ତିଆର୍ କର୍ବାର୍ ଲକ୍ଷ୍ୟଥି ଇ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । କାର୍ଯ୍ୟକ୍ରମ୍ଥି ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା, ଉନ୍ନୟନ୍ କମିଶନର୍ ଅନୁ ଗର୍ଗ, ବାଣିଜ୍ୟ ପରିବହନ୍ ବିଭାଗ୍ର ସଚିବ ଉଷା ପାଢ଼ୀ ଆଉ ଭାସ୍କରାଚାର୍ଯ୍ୟ ଜାତୀୟ ମହାକାଶ୍ ପ୍ରୟୋଗ୍ ଆଉ ଭୂସୂଚନା ବିଜ୍ଞାନ୍ର ସଂସ୍ଥାନ୍ର ମହାନିର୍ଦ୍ଦେଶକ୍ ଉପସ୍ଥିତ୍ ଥିଲେ ।

ଧାନ୍ ଘିନା ଆର୍ଏନ୍ୟୁ/ ସମ୍ବଲପୁର

ପଶ୍ଚିମ୍ ଓଡ଼ିଶାର୍ ୬ ଟା ମଣ୍ଡି- ବର୍‌ଗଡ୍‌, ବଲାଙ୍ଗିର୍, ସମ୍ବଲ୍‌ପୁର୍, ସୁବର୍ଣ୍ଣପୁର୍, କଲାହାଣ୍ଡି ଆର୍ ନୂଆପଡ଼ା ଜିଲ୍ଲା ନ ଧାନ୍ ଘିନା ପ୍ରକ୍ରିୟା ଚାଲିଛେ । ୭୧ ହଜାର୍ ଶହେ ୩୮ ମେଟ୍ରିକ୍ ଟନ୍ ଧାନ୍ ମଣ୍ଡି ନ ପୁହୁଁଚିଛେ । ୪ ହଜାର୍ ୨ ଶହ ୪୬ ଝନ୍ ଚାଷୀ ଧାନ୍ ବିକି ଥିବାର୍ ବେଲେ ୬୭ ହଜାର୍ ୪ ଶହ ୭୦ ମେଟ୍ରିକ୍ ଟନ୍ ଧାନ୍ ମିଲର୍‌ମାନେ ଘିନିଛନ୍ ବଲି ସମବାୟ ମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ କହିଛନ୍ । ଫି ମନ୍ତ୍ରୀଙ୍କୁ ୨ ଟା ଜିଲ୍ଲାର୍ ଦାୟିତ୍ୱ ଦିଆଯାଇଛେ । ଗଲାବଛର୍ ନୁ ଇ ବଛର୍ ଅଏତ୍‌କା ଧାନ୍ ଘିନା ଲକ୍ଷ୍ୟ ରଖାଯାଇଛେ ବଲି ମନ୍ତ୍ରୀ ଶ୍ରୀ ବଲସାମନ୍ତ  କହିଛନ୍ ।

ଜଙ୍ଗଲ୍ ଆଉ ପରିବେଶ୍ ବିଭାଗ ବୈଠକ୍ I&PR

ଜଙ୍ଗଲ୍ ବାବଦ୍ ଭିନ୍ ଭିନ୍ ସମସ୍ୟାର୍ ସମାଧାନ୍ ଆଉ ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ପ୍ରକଳ୍ପ ଲାଗି ଫରେଷ୍ଟ ଡାଇଭର୍ସନ୍ ପ୍ରସ୍ତାବ୍ ମାନ୍‌କର୍ ତୁର୍‌ତି ପ୍ରକ୍ରିୟା ଲାଗି ଗୁଟେ ସମନ୍ୱୟ ବୈଠକ୍ ଆଏଜ୍ ଜଙ୍ଗଲ୍ ଆଉ ପରିବେଶ୍ ବିଭାଗ୍‌ର ସମ୍ମିଲନୀ କକ୍ଷ ନ ହେଇଯାଇଛେ । ବିଭାଗ୍‌ର ମୁଖ୍ୟ ଶାସନ୍ ସଚିବ ସତ୍ୟବ୍ରତ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଖଣି ଆଉ ଶିଳ୍ପ, ରେଲ୍‌ପ୍ରକଳ୍ପ, ଜାତୀୟ ରାଜପଥ ଆଉ ଫୋର୍‌ଜି ଭିତିକ୍ ମୋବାଇଲ୍ ସେବା ବାଗିର୍ ବହୁତ୍‌ଟେ ପ୍ରକଳ୍ପ କାମ୍‌ର ଅଗ୍ରଗତିର୍ ସମୀକ୍ଷା କରାଯାଇଛେ ।

ଚାଲିଥିବା ପ୍ରକଳ୍ପ କାମ୍ ମାନ୍‌କୁ ତୁରନ୍ତି ସାର୍‌ବାର୍‌କେ ବିଭାଗୀୟ ସଚିବ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

କଲରାପତ୍‌ରିଆ ବାଘ ଝାର୍‌ସୁଗୁଡ଼ା ସମ୍ବାଦଦାତା

ସୁନ୍ଦର୍‌ଗଡ଼୍ ଜିଲ୍ଲା ବଣେଇ ନ କଲରାପତ୍‌ରିଆ ବାଘର୍ ମୃତ ଦେହ ଉଦ୍ଧାର୍ କରାଯାଇଛେ । ତମରା ରେଞ୍ଜ୍ କୁସୁମ୍ ଡିହି ଜଙ୍ଗଲ୍ ନ ବାଘର୍ ମଲାଦିହି ଠାବ୍ ହେଇଛେ । ଖବର୍ ପାଇକରି ଜଙ୍ଗଲ୍ ବିଭାଗ୍ ଅଧିକାରୀମାନେ ପୁହୁଁଚିକରି ଯାଂଚ୍ କରିଛନ୍ ।

ରେଲ୍‌ମଣ୍ଡଲ୍ ପରାମର୍ଶଦାତା ବୈଠକ୍/ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ମଣ୍ଡଳ ରେଳ ପ୍ରବନ୍ଧକଙ୍କର୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ନ ଆଏଜ୍ ମଣ୍ଡଳ ରେଳ ବ୍ୟବହାର୍‌କାରୀ ପରାମର୍ଶଦାତା କମିଟି ବୈଠକ୍ ହେଇଯାଇଛେ । ସମ୍ବଲପୁର ମଣ୍ଡଳ ରେଲ୍ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧୁରୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି କମିଟିର୍ ସଦସ୍ୟମାନ୍‌କର୍ ତର୍‌ଫୁ ନିଆଯାଇଥିବା ପରାମର୍ଶମାନ୍‌କୁ ମଣ୍ଡଳ ତର୍‌ଫୁ ପ୍ରାଥମିକତା ଦେବାର୍‌କେ ଜୋର୍ ଦିଆଯାଇଥିଲା । ମଣ୍ଡଲ୍ ତର୍‌ଫୁ ଚାଲିଥିବା ଆଉ ଶେଷ୍

ହେଇଥିବା ବିକାଶମୂଲକ୍ କାମ୍ ବାବ୍‌ଦେ ବୈଠକ୍‌ଥି ଆଲୋଚନା କରାଯାଇଥିଲା ।

ଦେବ୍‌ଗଡ଼୍-ସଚେତନତା କାର୍ଯ୍ୟକ୍ରମ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ନ ସାଁପ୍‌ଚବା ଆଉ ଚଡ଼କ୍ ମରାନୁ ସୁରକ୍ଷା ଲାଗି ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ମହାବିଦ୍ୟାଳୟର୍ ରେଡ଼କ୍ରସ୍ ଦାୟିତ୍ୱ ଥିବା ଅଧ୍ୟାପକ ଦାମୋଦର୍ ନାୟକଙ୍କର୍ ସଂଯୋଜନା ଆଉ ମହାବିଦ୍ୟାଳୟର୍ ଅଧ୍ୟକ୍ଷ ଡକ୍ଟର୍ ବିଜୟ କୁମାର୍ ମହାରଣାଙ୍କର୍ ସଭାପତିତ୍ୱଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଛାତ୍ରଛାତ୍ରୀମାନ୍‌କୁ ସାଁପ୍‌ଚବା ଆଉ ବିଜ୍‌ଲି ମରା ସମିଆଥି କେନ୍ ରକ୍‌ମେ ଜୀବନ୍ ବଁଚାଯାଇପାର୍‌ବା ସେ ବାବ୍‌ଦେ ସଚେତନ୍ କରାଯାଇଥିଲା ।

ପମ୍ପ୍‌ସେଟ୍ ବଂଟନ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଉପ ଜିଲ୍ଲାପାଳ୍‌ଙ୍କର୍ କାର୍ଯ୍ୟାଳୟ ପରିସର୍ ନ ଆଏଜ୍ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍ ଜରିଏ ପାଣି ପମ୍ପ୍‌ସେଟ୍ ବଂଟନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଳ୍ ରେବେକା ବିଲୁଙ୍ଗ ମୁଖ୍ୟଅତିଥି ଭାବେ

ଯୋଗ୍ ଦେଇକରି ଇ ଯୋଜ୍ନା ଜରିଏ ଚାଷୀମାନ୍କୁ ସର୍କାର୍ ଯୁଗେଇ ଦଉଥିବା ସାହାଜ୍ ବାବ୍ଦେ ବୁଝେଇଥିଲେ । ଇ ଅବ୍ସରେ ୫ ଟା ପଂଚାୟତ୍ର ୫୦ ନୁ ଅଏତ୍କା ଚାଷୀଙ୍କୁ ପମ୍ପ୍ସେଟ୍ ବଂଟାଯାଇଥିଲା ।

ବିପର୍ଯ୍ୟୟ ପରିଚାଳନା ସଚେତନତା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ ଭିନ୍ ଭିନ୍ ଉଚ୍ଚବିଦ୍ୟାଳୟ ନ ଜାତୀୟ ବିପର୍ଯ୍ୟୟ ପରିଚାଳନା ବାହିନୀ ତର୍ଫୁ ବିପତି ଆଉ ବିପର୍ଯ୍ୟୟ ପରିଚାଳନା ବାବଦ୍ ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଏନ୍ଡିଆର୍ଏଫ୍ ଟିମ୍ ତର୍ଫୁ ବନ୍ୟା, ବାତ୍ୟା, ଭୂମିକମ୍ପ, ଅଗ୍ନିକାଣ୍ଡ, ସାଁପ୍ଚବା ଆଉ ଦୁର୍ଘଟଣା ସମିଆଥି ଆହତ୍ ଲୁକ୍କୁ କେନ୍ତାକରି ତୁର୍ତି ଚିକିତ୍ସା ସେବା ଯୁଗେଇ ଦିଆଯିବା ଆଉ ବିପର୍ଯ୍ୟୟର୍ କେନ୍ତା କରି ମୁକାବିଲା କରାଯାଇପାର୍ବା ସେ ବାବ୍ଦେ ଛାତ୍ରଛାତ୍ରୀମାନ୍କୁ କୌଶଲ୍ ଜରିଏ ବୁଝେଇଥିଲେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଜବର୍ ଥଣ୍ଡା ଲାଗି ରହିଛେ । ୧୮ ତାରିଖ୍ତକ୍ ପାଗ୍ ଏନ୍ତା ରହେବା । ୧୯ ନୁ ୨୫ ତାରିଖ୍ତକ୍ ଭିଲ୍ ରାତିର୍

ତାପମାତ୍ରା ସ୍ୱାଭାବିକ୍ ନୁ କମ୍ ରହିକରି ଶୀତ୍ ବଢ଼୍‌ବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍ଫୁ ଅନୁମାନ୍ କରାଯାଇଛେ । ଆଏଜ୍ ଆଉ ଆଏବା କାଏଲ୍ ରାତି ଶୀତ୍ ବଢ଼ିପାରେ, ଘନାକୁହୁଡ଼ି ଭିଲ୍ ହେବା ।